# ଜୈବିକ ଶ୍ରୀ ଆଖୁ ଚାଷ ପଦ୍ଧତି

Cultivate & Consume Organic Indigenous Rice



ଆଖୁର ଆଖିକୁ ବାହାର କରିବା
ଖାଦ୍ୟ ନିରାପତ୍ତାକୁ ସଜାଡିବା ।



୮୦ କେଜି ବିହନରେ ଏକର
ଚାରି ହଜାର କେଜି ନାହିଁ ଦରକାର ।



ଲୋଡା ନାହିଁ ଆଖୁ ଖଣ୍ଡ
ଦରକାର ପଡେ ଆଖି ଖଣ୍ଡିଏ ।



ଅଳ୍ପ ଜାଗାରେ ଅଳ୍ପ ଦିନରେ ଚାରା କରିବା
ଦୁଇ ମାସ ଫସଲ ଅବଧି ବଞ୍ଚାଇବା ।



ଚାରା ନର୍ସରିକୁ ଦେବା ଘୋଡାଇ
ଉଇ ଓ ସଢା ରୋଗରୁ ଦେବା ବଞ୍ଚାଇ ।




୨୫ ଦିନର ଚାରା ରୋଇବ
ଶହେ ଟନ ଆଖୁ ଅମଳ କରିବ ।



ଧାଡିକୁ ଧାଡି ଚାରି ଫୁଟ
ଗଛକୁ ଗଛ ଦୁଇ ଫୁଟ ।



ଅଙ୍କେଇ ବଙ୍କେଇ ରହିଲେ ଗଛ
ଅଧିକ ପାଞ୍ଚ ଶତ ରହିବ ଗଛ



ପ୍ରଥମ ଦୁଇମାସ କରିବ ଅନ୍ତଃ ଫସଲ
ଅନାବନା ଘାସରୁ ବଞ୍ଚିତ ହେବ ଫସଲ ।



ଦୁଇ ମାସ ପରେ ଅନ୍ତଃ ଚାଷ କରିବ
୩୦ରୁ ଅଧିକ ପିଲ ଦେଖିବ ।



ବୁଦାରେ ଲଗାଇଛେ ଗୋଟିଏ ଚାରା ଗଛ
ଦେଖିବ ୩୦ରୁ ଊର୍ଦ୍ଧ ଗଛ ।



୩୦ ରୁ ୩୫ ଟନ୍ ଅମଳ ସାଧାରଣ ପଦ୍ଧତିରେ
୧୦୦ ଟନ୍‌ରୁ ଊର୍ଦ୍ଧ ଶ୍ରୀ ପଦ୍ଧତିରେ ।







ସୌଜନ୍ୟ - ପ୍ରଗତି, କୋରାପୁଟ    ସହାୟତା - ଏସ୍.ଡି.ଟି.ଟି ମୁମ୍ବାଇ

# ଜୈବିକ ଶ୍ରୀ ଗହମ ଚାଷ ପଦ୍ଧତି



ଏକରକୁ ପାଞ୍ଚ କେ·ଜି· ବିହନ
ଲୋଡା ନାହିଁ ୩୦ କେ·ଜି· ବିହନ ।



ଧାଡିକୁ ଧାଡି ୧୫ ସେ·ମି· ଦୂରତ୍ୱ
ଦେଖିବ ଅମଳ ୩ ଗୁଣରୁ ଉର୍ଦ୍ଧ ।



ଧାଡିରେ ବୁଣିଲେ ବିହନ
ସହଜରେ ଗଛପାଏ ଅମ୍ଳଜାନ ।



ନିର୍ଦ୍ଦିଷ୍ଟ ଅନ୍ତରରେ ରହିଲେ ଗଛ
ଚାଳିଶିରୁ ଉର୍ଦ୍ଧ ପିଲ ଦେଖିବେ ନିଶ୍ଚୟ ।



ପ୍ରତ୍ୟେକ ପିଲା କେଣ୍ଡା ଦେଇଥାଏ
ମାଆ ଓ ପିଲା କେଣ୍ଡା ମଧ୍ୟରେ ପାର୍ଥକ୍ୟ ନଥାଏ ।



ଅଧିକ ଅମଳ ଦେଇଥାଏ ଏହି ପଦ୍ଧତିରେ
ଦେଶକୁ ଖାଦ୍ୟ ନିରାପତ୍ତା ଯୋଗାଇଥାଏ ।

# ଜୈବିକ ଶ୍ରୀ ମାଣ୍ଡିଆ ଚାଷ ପଦ୍ଧତି



ଅଧାକେଜି ବିହନରେ ଏକ ଏକର
ଲୋଡା ନାହିଁ ୫ କେ·ଜି ବିହନ ଦରକାର ।



୮ ସେ·ମି·କୁ ୮ ସେ·ମି· ଦୂରରେ ଲଗାଇବ
ଦେଖିବ ଗଛର ପିଲ କେମିତି ବଢିବ ।



ଷୋହଳ ଦିନର ଚାରା ଲଗାଇବା
ସାଧାରଣ ପଦ୍ଧତି ଠାରୁ ଦୁଇ ଗୁଣ ଲାଭ ପାଇବା ।



ଫସଲ ଅବଧି ଭିତରେ ୩ଥର କୋଡା ଖୁସା କରିବା
ଗଛ ହୃଷ୍ଟ ପୁଷ୍ଟ ହୋଇଥିବା ଦେଖିବା ।

ସୌଜନ୍ୟ - ପ୍ରଗତି, କୋରାପୁଟ, ସହାୟତା - ଏସ୍·ଡି·ଟି·ଟି ମୁମ୍ବାଇ

# ପଞ୍ଚଗବ୍ୟ

## ଜୈବିକ ଉପାୟରେ ଚିରନ୍ତନ ଖାଦ୍ୟ ଉତ୍ପାଦନ ପାଇଁ ଏକ ପ୍ରାକୃତିକ ଜୈବିକ ଖତ

### ଆବଶ୍ୟକୀୟ ସାମଗ୍ରୀ

(୧) 
ସଜ ଗାଈ ଗୋବର ୫ କେ·ଜି· ,

(୨) 
ଗାଈ ମୂତ୍ର ୩ ଲିଟର,

(୩) 
ଗାଈ କ୍ଷୀର ୨ ଲିଟର

(୪) 
ଗାଈ ଦହି ୨ ଲିଟର,

(୫) 
ଗାଈ ଘିଅ ୧ ଲିଟର,

(୬) 
ପାଚିଲା କଦଳୀ ୧ କି·ଲୋ କିମ୍ବା ୧୨ଟା,

(୭) 
ପଇଡ ପାଣି ୩ ଲିଟର,

(୮) 
ଆଖୁରସ/ଗୁଡ ୩ ଲିଟର / ୧ କେଜି,

(୯) 
ପାଣି କଖାରୁ ୧ କେଜି,

(୧୦) 
ଜୈବିକ ମଦ ୩ ଲିଟର,

(୧୧) 
ମାଟି ବା ପ୍ଲାଷ୍ଟିକ ହଣ୍ଡା ୫୦ ଲିଟର,

(୧୨) 
କୁଶ ଘାସ ୨ ଖଣ୍ଡ

### ପ୍ରସ୍ତୁତି

୧ ରୁ ୧୦ ସମସ୍ତ ସାମଗ୍ରୀ ପ୍ରଥମେ ଗୋଟିଏ ପାତ୍ରରେ ମିଶାଇ ୧୬ଦିନ ପର୍ଯ୍ୟନ୍ତ ଛାଇ ସ୍ଥାନରେ ଡାଙ୍କୁଣି ଘୋଡାଇ ରଖିବା ଓ ପ୍ରତି ଦିନ ୫ ମିନିଟ ସକାଳ ଓ ସନ୍ଧ୍ୟାରେ ଘାଣ୍ଟିବା । ୧୬ଦିନ ପରେ କୁଶ ଘାସ ସେଥିରେ ପକାଇବା ।

### ବ୍ୟବହାର

୧ଲିଟର ଦ୍ରବଣରେ ୩୦ ଲିଟର ପାଣି ମିଶାଇ ଛିଞ୍ଚନ । (୧ଏକର ପାଇଁ ୩ ଲିଟର ଆବଶ୍ୟକ)

# ଅଗ୍ନିହୋତ୍ର (ଏକ ହୋମ ପଦ୍ଧତି କୃଷି)

### ଆବଶ୍ୟକୀୟ ସାମଗ୍ରୀ

୧) ତମ୍ବା କୁଣ୍ଡ, ୨) ତମ୍ବା ବେଲା

୩) ଗାଈ ଗୋବର ଘସି

୪) ଅରୁଆ ଢେଙ୍କିକୁଟା ଚାଉଳ



### ପଦ୍ଧତି

**ସକାଳ ସମୟର ମନ୍ତ୍ର-**

ଓଁ ସୂର୍ଯ୍ୟାୟ ସ୍ୱାହା (ଆହୁତି), ସୂର୍ଯ୍ୟାୟ ଇଦଂ ନ ମମଃ,

ଓଁ ପ୍ରଜାପତୟେ ସ୍ୱାହା (ଆହୁତି), ପ୍ରଜାପତୟେ ଇଦଂ ନ ମମଃ ।

**ସଂଧ୍ୟା ସମୟର ମନ୍ତ୍ର-**

ଓଁ ଅଗ୍ନୟେ ସ୍ୱାହା (ଆହୁତି), ଅଗ୍ନୟେ ଇଦଂ ନ ମମଃ

ଓଁ ପ୍ରଜା ପତୟେ ଇଦଂ ନ ମମଃ

ଏହି ପରି ତିନି ଥର କୁହାଯାଏ । (ବାମ ହାତରେ ଚାଉଳ ଓ ଡାହାଣ ହାତରେ ଆହୁତି)

### ଏହାଦ୍ୱାରା ୫ଟି ଶୁଦ୍ଧି ମିଳେ -

୧) ବୀଜ ସଂସ୍କାର, ୨) ବାୟୁ ସଂସ୍କାର, ୩) ଜଳ ସଂସ୍କାର

୪) ଭୂମି ସଂସ୍କାର , ୫) ବ୍ୟକ୍ତି ସଂସ୍କାର

ବି.ଦ୍ର - ହୋମ ପାଇଁଶ ବିଭିନ୍ନ କାମରେ ଲାଗେ ।



ସୌଜନ୍ୟ - ପ୍ରଗତି, କୋରାପୁଟ     ସହାୟତା - ଏସ୍·ଡି·ଟି·ଟି ମୁମ୍ବାଇ

# 'ଶ୍ରୀ' ପ୍ରଣାଳୀରେ କରିଲେ ଚାଷ ଖାଦ୍ୟ ନିରାପତ୍ତା ପାରା ବରଷ



ଶ୍ରୀ ପ୍ରଣାଳୀ ଦେଶୀ ବିହନ
ଏକର ପ୍ରତି ୨କିଲୋ ଧାନ ।।



ଛୋଟ କାଠିରେ ଗାର ଟାଣ
ସେହି ଗାରରେ ବିହନ ବୁଣ ।।



ଦଶଫୁଟ ଲମ୍ବ ସଙ୍ଗେ ଚାରି ଫୁଟ ଓସାର ଏହିପରି ଚାରିଗୋଟି ପଟାଳି ଯେ କର।
ଦୁଇକିଲୋ ଧାନ ତଳି ପକାଇ ସେଥିରେ ଏକ ଏକର ଜମି ଚାଷ କରିବା ଏଥିରେ ।।



ଚାଷରେ ଘାସ ଥାଉ ବା ନଥାଉ
ଯନ୍ତ୍ର ଚଳାଇ ଘାସ ବାଛିବା ହେଉ ।।



ଶ୍ରୀ ପଦ୍ଧତିରେ ଜୈବିକ ସାର
ଅଧିକ ଅମଳ ଲାଭ ପ୍ରଚୁର ।।

## 'ଶ୍ରୀ' ପ୍ରଣାଳୀର ମୌଳିକ ତତ୍ତ୍ୱ

जैविक श्री
ଜୈବିକ ଶ୍ରୀ
Jaivik SRI
Cultivate & Consume Organic Indigenous Rice

୧. ଭଲ ଓ ନିରୋଗ ବିହନ
୨. ସତର୍କତା ପୂର୍ବକ ୮ରୁ ୧୨ ଦିନର ତଳି ରୋଇବା
୩. ଗଛ ଗଛ ମଧ୍ୟରେ ବ୍ୟବଧାନ ରଖିବା
୪. ଜଳ ପରିଚାଳନା କରିବା
୫.ଘାସ ନିୟନ୍ତ୍ରଣ କରିବା
୬. ଜୈବିକ ସାର ପ୍ରୟୋଗ



ଦଶ ଇଞ୍ଚ ବ୍ୟବଧାନ ବର୍ଗ କ୍ଷେତ୍ର ହେବା
ପ୍ରତି କୋଣେ ଗୋଟେ ଗୋଟେ ତଳି ଲଗାଯିବ ।।



ପ୍ରତି ଦଶ ଦିନ ଅନ୍ତରେ ଥରେ
ଚାରିଥର ଘାସ ବାଛିବ
ବାୟୁ ଚଳାଚଳ ସୁଗମ ହୋଇଲେ
ପ୍ରଚୁର ଅମଳ ହୋଇବ ।।


ସମ୍ପୂର୍ଣ୍ଣ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ :
**ପ୍ରଗତି, କୋରାପୁଟ**
ପୂଜାରୀପୁଟ, କୋରାପୁଟ-୭୬୪ ୦୨୦
ଦୂରଭାଷ : ୦୬୮୫୨-୨୫୦୨୪୧,
୯୪୩୭୮୭୧୫୭୪
ଫାକ୍ସ : ୦୬୮୫୨-୨୫୨୨୮୪




ପାଣିରେ ଭିଜାଇ ଅଗାଡି ଦେଖ
ବିହନକୁ ଛାଣି ଛାଇରେ ରଖ ।।



ତଳି ପଟାଳି ପ୍ରସ୍ତୁତି ପାଇଁ
ବିଶେଷ ହଳ କରିବା ନାହିଁ ।।



ଆଠରୁ ବାର ଦିନର ତଳି ନେଇ
ଜମିରେ ତାକୁ ଦେବା ରୋଇ ।।



ପିଲ ଦେବା ବେଳେ ଜମିରେ କେବେ
ଠିଆ ପାଣି ରଖ ନାହିଁ
ଏପରି କରିଲେ ଗଛରୁ କେବେ
ପିଲ ବାହାରିବ ନାହିଁ ।।



ସବୁଜ ସାରକୁ ଜିଆ ଖତ
ଗୁହାଳ ହଦରୀ ଜୀବା ମୃତ ।।


ସୌଜନ୍ୟ : ପ୍ରଗତି, କୋରାପୁଟ
ସହାୟତା : ଏସ୍.ଡି.ଟି.ଟି, ମୁମ୍ବେଇ, ସି.ଡବ୍ଲ୍ୟୁ. ଏସ୍-ଓ.ଆର୍.ସି, ଭୁବନେଶ୍ୱର

# ଜୈବିକ ଖତ ପ୍ରସ୍ତୁତି





## ନାଡେପ କମ୍ପୋଷ୍ଟ

- ତିନି ମିଟର ଲମ୍ବ, ୨ ମିଟର ଓସାର ଓ ୧ ମିଟର ଉଚ୍ଚତାର ଟାଙ୍କି କରିବାକୁ ହେବ ।
- ଇଟା ଜୋଡେଇ କଲାବେଳେ ପ୍ରତି ତୃତୀୟ ସ୍ତରରେ ମଝିରେ ମଝିରେ ଫାଙ୍କ ରଖିବାକୁ ହେବ ।
- ଟାଙ୍କିର ଭିତର ଓ ବାହାର ଲିପିଦେବା ଆବଶ୍ୟକ ।
- ଛଅ ଇଞ୍ଚ ବହଳର ଡାଳ, ପତ୍ର, ଆବର୍ଜନା ପକାଇବାକୁ ହେବ ।
- ୧୫୦ ଲିଟର ପାଣି ସହ ୪ କିଲୋଗ୍ରାମ ଗୋବର ମିଶାଇ ପ୍ରସ୍ତୁତ କରାଯାଇଥିବା ମଣ୍ଡକୁ ଏହା ଉପରେ ପକାଇବାକୁ ପଡିବ ।
- ଏହାପରେ ୫୦ କିଲୋଗ୍ରାମ ଗୁଣ୍ଡ ମାଟିର ଏକ ଆସ୍ତରଣ ପକାଇ ପାଣି ଛିଞ୍ଚିବାକୁ ହେବ ।
- ଏହି ପରି ସ୍ତର ସ୍ତର କରି ଟାଙ୍କି ପୂରଣ କରାଯିବ ।
- ଗୋଟିଏ ଦିନ ମଧ୍ୟରେ ଟାଙ୍କି ପୂରଣ କରିବାକୁ ହେବ ।
- ଗୋଟିଏ ଟାଙ୍କିରେ ବର୍ଷକ ତିନିଥର ଖତ କରାଯାଇ ପାରିବ ।





## ଆଜୋଲା ଓ ନୀଳ ହରିତ୍ ଶୈବାଳ

- ଧାନ କିଆରିରେ ଆଜୋଲା ବା ନୀଳହରିତ ଶୈବାଳ ବ୍ୟବହାର କରାଯାଇପାରିବ । ପାଣି ଜମି ପାରୁଥିବା ଖାଲ ଜମି ଏଥିପାଇଁ ଉପଯୁକ୍ତ ।
- ଧାନ ରୋଇବାର ଏକ ସପ୍ତାହ ପରେ ଏକର ପ୍ରତି ୪-୬ କ୍ୱିଣ୍ଟାଲ ଆଜୋଲା ବା ୪-୬ କିଲୋଗ୍ରାମ ନୀଳହରିତ ଶୈବାଳ ପ୍ରୟୋଗ କରିବାକୁ ହେବ ।
- ବୁଣାଧାନ ହୋଇଥିଲେ ବେଉଷଣ ପରେ ଏହାକୁ ବ୍ୟବହାର କରାଯାଇପାରେ ।
- ଜମିରେ ୨-୩ ଇଞ୍ଚ ଠିଆ ପାଣି ରଖିବାକୁ ପଡିବ ।
- ଦୁଇ-ତିନି ସପ୍ତାହ ପରେ ଏହା କିପରି ସାରା ମାଡି ଯାଇଥିଲେ ପାଣି ନିଗାଡି ଦେବାକୁ ପଡିବ ।
- ଏକ ଏକର ଜମିରେ ପ୍ରାୟ ୧୦-୧୨ କିଲୋଗ୍ରାମ ଯବକ୍ଷାର ସାର ମିଳିପାରିବ ।



## ଜିଆ ଜଳ

- ବଡ ହାଣ୍ଡି ନେଇ ତିନୋଟି କାଠି ଉପରେ ରଖାଯାଉ ।
  କିମ୍ବା ଏହାକୁ ଭାଡି ଉପରେ ମଧ୍ୟ ରଖାଯାଇପାରେ ।
- ତଳେ ଭଙ୍ଗା ଇଟା, ଛୋଟ ପଥର ଓ ବାଲି ଭର୍ତ୍ତି କରାଯାଉ ।
- ଏହା ଉପରେ ଅଧା ସଢ଼ା କମ୍ପୋଷ୍ଟ ରଖି ୫୦-୧୦୦ଟି ଜିଆ ଛଡାଯାଉ ।
- ତା ଉପରେ ଗୋବର ପାଣିର ମଣ୍ଡ ଦିଆଯାଉ ।
- ଏହା ପରେ ଶୁଖିଲା ଡାଳପତ୍ର, ପରିବା ଗ୍ରେପା ଆଦି ରଖି ପାଣି ଢ଼ଳାଯାଉ ।
- ଏହି ହାଣ୍ଡି ଉପରେ ଛୋଟ ହାଣ୍ଡିଟିଏ ଟାଙ୍ଗି ସେଥିରେ ପାଣି ରଖାଯାଉ । ଯେମିତି ଟୋପା ଟୋପା ପାଣି ବଡ଼ ହାଣ୍ଡିରେ ପଡିବ ।
- ଛୋଟ କଳସୀରେ ଜିଆଜଳ ସଂଗୃହୀତ ହେବ ।
- ଏହାକୁ ଦଶଗୁଣ ପାଣି ସହିତ ମିଶାଇ ଫସଲରେ ପ୍ରୟୋଗ କରାଯିବ ।

ସୌଜନ୍ୟ - ପ୍ରଗତି, କୋରାପୁଟ, ସହାୟତା - ଏସ୍.ଡି.ଟି.ଟି ମୁମ୍ବାଇ

# ଜୈବିକ ଉପାୟରେ ରୋଗପୋକ ନିୟନ୍ତ୍ରଣ

## ପତ୍ର କଟା, ପତ୍ର ଶୋଷା, କାଣ୍ଡ ବିନ୍ଧା, ଜଉ ପୋକ, ଗୁଣ୍ଡି ପୋକ ରୁ ନିୟନ୍ତ୍ରଣ ପାଇଁ ହାଣ୍ଡି ଔଷଧ

ଆବଶ୍ୟକୀୟ ସାମଗ୍ରୀ

| | | | | | |
|---|---|---|---|---|---|
| ନିମ୍ବ ତେଲ | - | ୧/୨ ଲିଟର | ପିତାପତ୍ର | - | ୧ କି.ଗ୍ରା |
| ଧୁଆ ପତ୍ରଗୁଣ୍ଡ | - | ୧୦୦ ଗ୍ରାମ | କ୍ଷୀର/ଅଠା ପତ୍ର | - | ୧ କି.ଗ୍ରା |
| ହେଙ୍ଗୁ | - | ୧୦ ଗ୍ରାମ | ଗନ୍ଧପତ୍ର | - | ୧ କି.ଗ୍ରା |
| ରସୁଣ ବଟା | - | ୧/୨ କିଗ୍ରା | କଷାପତ୍ର | - | ୧ କି.ଗ୍ରା |
| କଞ୍ଚାଲଙ୍କା | - | ୨୫୦ ଗ୍ରାମ | ଗାଈ ମୁତ | - | ୩ଲିଟର |
| ଅଦାବଟା | - | ୨୫୦ ଗ୍ରାମ | ଗୋବର | - | ୧ କି.ଗ୍ରା |
| ଗାଈ ମୁତ | - | ୬ ଲିଟର | ଗୁଡ଼ | - | ୫୦ ଗ୍ରାମ |
| | | | ବେସନ୍ | - | ୫୦ ଗ୍ରାମ |

-: ପ୍ରସ୍ତୁତି :-

ସମସ୍ତ ସାମଗ୍ରୀକୁ ମିଶ୍ରଣ କରି ଗୋଟିଏ ମାଟି ହାଣ୍ଡିରେ ୩ ଦିନ ପର୍ଯ୍ୟନ୍ତ ଢ଼ାଙ୍କୁଣି ଦେଇ ରଖିବା । ପ୍ରତିଦିନ ୫ ମିନିଟ୍ ସକାଳ ଓ ସନ୍ଧ୍ୟାରେ ଘାଣ୍ଟିବା ।

-: ବ୍ୟବହାର :-

୧ ଲିଟର ଦ୍ରବଣରେ ୧୩ ଲିଟର ପାଣି ମିଶାଇ ଏକ ଏକର ଜମିରେ ପ୍ରୟୋଗ କରିବା ।

-: ପ୍ରସ୍ତୁତି :-

ସମସ୍ତ ସାମଗ୍ରୀକୁ ମିଶ୍ରଣ କରି ଗୋଟିଏ ମାଟି ହାଣ୍ଡିରେ ୧୨ ଦିନ ପର୍ଯ୍ୟନ୍ତ ଢ଼ାଙ୍କୁଣି ଦେଇ ରଖିବା । ପ୍ରତିଦିନ ୫ ମିନିଟ୍ ସକାଳ ଓ ସନ୍ଧ୍ୟାରେ ଘାଣ୍ଟିବା ।

-: ବ୍ୟବହାର :-

୧ ଲିଟର ଦ୍ରବଣରେ ୧୦ ଲିଟର ପାଣି ମିଶାଇ ଏକ ଏକର ଜମିରେ ପ୍ରୟୋଗ କରିବା ।

## ଆଲୋକ ଯନ୍ତା

* ଏହାକୁ ପୋକ ଦମନ ପାଇଁ ବ୍ୟବହାର କରାଯାଏ । ଏହା ବିଭିନ୍ନ ପ୍ରକାରର ହୋଇପାରେ
* ଗୋଟିଏ ଲଣ୍ଠନ ନେଇ ବାଉଁଶ ସାହାଯ୍ୟରେ ଟାଙ୍ଗିବାକୁ ହେବ । ଏହା ତଳେ ଓସାରିଆ ପାତ୍ରରେ ପାଣି ରଖାଯିବ । ପୋକମାନେ ଆଲୋକ ଦ୍ୱାରା ଆକର୍ଷିତ ହେବେ ଓ ପାଣିରେ ପଡି ମରିଯିବେ ।
* ବଡ ହାଣ୍ଡିରେ କିଛି ପାଣି ନିଆଯାଉ । ଏଥିରେ ଗୋଟିଏ କାଠ ରଖି ତାଉପରେ ଡିବିରି ରଖାଯାଉ । ରାତିରେ ଜଳାଇଲେ ପୋକ ଆସି ପାଣିରେ ପଡିବେ ।
* ଗୋଟିଏ ମାଠିଆରେ ପାଣି ରଖାଯାଇ । ଏହାର ମୁହଁ ପାଖରେ ଗୃର୍ଜ ହୋଇ ପାରୁଥିବା ଟର୍ଚ୍ଚ ରଖାଯାଇ । ପୋକମାନେ ଏଥିରେ ପଡି ମରିଯିବେ ।
* ଏକର ପ୍ରତି ୫-୧୦ ଟି ସ୍ଥାନରେ ଆଲୋକ ଯନ୍ତା ବ୍ୟବହାର କରାଯିବ ।
* ପବନ ହେଲେ ଆଲୁଅ ଲିଭିଯାଇ ପାରେ । ପାଖରେ କୌଣସି ଶୁଖିଲା ଜିନିଷ ଥିଲେ ନିଆଁ ଲାଗିଯାଇ ପାରେ । ଏଥିପ୍ରତି ସତର୍କ ରହିବା ଦରକାର ।





ସୌଜନ୍ୟ - ପ୍ରଗତି, କୋରାପୁଟ, ସହାୟତା - ଏସ୍.ଡି.ଟି.ଟି ସ୍ୱିଜର